# Former Japanese Prime Minister H.E. Mr. Yoshihide Suga calls on Prime Minister

May 24, 2022

## ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ୟୋସିହିଦେ ସୁଗା ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି

ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ୟୋସିହିଦେ ସୁଗା ୨୪ ମଇ ୨୦୨୨ ରେ ଟୋକିଓ ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି ।

ସେମାନେ ସେପ୍ଟେମ୍ବର ୨୦୨୧ ରେ ୱାଶିଂଟନ୍ ଡିସିରେ ପ୍ରଥମ କ୍ୱାଡ୍ ନେତୃତ୍ୱ ସମ୍ମିଳନୀରେ ସେମାନଙ୍କର ଦ୍ୱିପାକ୍ଷିକ ବୈଠକ ସହିତ ପୂର୍ବ ପାରସ୍ପରିକ ସମ୍ପର୍କକୁ ମନେ ପକାଇଥିଲେ । ଭାରତ-ଜାପାନ ସମ୍ପର୍କକୁ ଗଭୀର ତଥା ଦୃଢ଼ କରିବାରେ ପ୍ରଧାନମନ୍ତ୍ରୀ ଶ୍ରୀ ସୁଗାଙ୍କ ଅବଦାନକୁ ପ୍ରଶଂସା କରିଥିଲେ ।

ଭାରତ-ଜାପାନର ସ୍ୱତନ୍ତ୍ର ରଣନୀତି ଏବଂ ଆର୍ନ୍ତଜାତୀୟ ସହଯୋଗକୁ ଆହୁରି ମଜବୁତ କରିବା ଉପରେ ଦୁଇ ନେତା ମତ ବିନିମୟ କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ସୁଗାଙ୍କ ନେତୃତ୍ୱରେ ଜାପାନର ସାଂସଦମାନଙ୍କର ଏକ ପ୍ରତିନିଧୀ ଦଳ ଭାରତ ଆସିବାକୁ ପ୍ରଧାନମନ୍ତ୍ରୀ ନିମନ୍ତ୍ରଣ କରିଥିଲେ ।

**ଟୋକିଓ**

**ମେ 24, 2022**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.